# NATIONAL NEWS BULLETIN (ODIA)

**5 July - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ଆସନ୍ତାକାଲିଠାରୁ ଇଣ୍ଡୋନେସିଆ ଗସ୍ତ ।

- ଦୁଇଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସ୍ୱାକ୍ଷରିତ ହେବ ବୁଝାମଣାପତ୍ର ।

- ଭିବିଜୀ ରାମ୍‌ଜୀ ଗ୍ରାମୀଣ ଅଧୀନରେ ପ୍ରଥମ କିସ୍ତିରେ ରାଜ୍ୟଗୁଡ଼ିକୁ ପ୍ରଦାନ କରାଗଲା ୨୫ହଜାର କୋଟି ଟଙ୍କାର ସହାୟତା ରାଶି ।

- କୋଚିଠାରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଦୁଇଦିନିଆ ବ୍ରିକ୍ସ ମହିଳା କାର୍ଯ୍ୟକାରୀ ଗୋଷ୍ଠୀ ବୈଠକ ।

- ଭେନେଜୁଆଲା ଭୂକମ୍ପରେ ମୃତ୍ୟୁସଂଖ୍ୟା ୨ହଜାର ୯୫୪କୁ ବୃଦ୍ଧି ।

ଏବଂ

- ଆଇସିସି ମହିଳା ଟି-୨୦ କ୍ରିକେଟ୍ ବିଶ୍ୱକପ୍ ଫାଇନାଲରେ ଆଜି ପରସ୍ପରକୁ ଭେଟିବେ ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆ ।

# ପିଏମ୍-ଜାକର୍ତ୍ତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ଇଣ୍ଡୋନେସିଆ ଗସ୍ତ ଉଭୟ ଦେଶ ମଧ୍ୟରେ ଥିବା ସମ୍ପର୍କକୁ ଗତିପ୍ରଦାନ କରିବ ଏବଂ ସହଯୋଗର ନୂତନ ମାର୍ଗ ଉନ୍ମୁକ୍ତ କରିବ । ଆଜି ଜାକର୍ତ୍ତାରେ ଆକାଶବାଣୀକୁ ସାକ୍ଷାତ୍‌କାର ଦେଇ ଇଣ୍ଡୋନେସିଆରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ସନ୍ଦିପ ଚକ୍ରବର୍ତ୍ତୀ କହିଛନ୍ତି ଆସନ୍ତାକାଲିଠାରୁ ୮ ତାରିଖ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇଣ୍ଡୋନେସିଆ ଗସ୍ତ କାଳରେ ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ସହଯୋଗର ଅନେକ ନୂତନ କ୍ଷେତ୍ର ଖୋଲିବା ସହ ଦୁଇ ବୃହତ୍ ଦେଶ ମଧ୍ୟରେ ସମ୍ପର୍କର ନିବିଡତା ତଥା ଅର୍ଥନୈତିକ ସହଭାଗିତା ପରିଲକ୍ଷିତ ହେବ । ବ୍ୟାପକ ରଣନୈତିକ ସହଭାଗିତା ଉପରେ ଆଲୋକପାତ କରି ଶ୍ରୀ ଚକ୍ରବର୍ତ୍ତୀ କହିଛନ୍ତି ସହଭାଗିତାର ପ୍ରମୁଖ କ୍ଷେତ୍ର ମଧ୍ୟରେ ପ୍ରତିରକ୍ଷା ଏବଂ ସୁରକ୍ଷା ଅନ୍ୟତମ । ଏତଦ୍‌ବ୍ୟତୀତ ସମ୍ପର୍କରେ ଅଧିକ ଅର୍ଥନୈତିକ ବିଷୟବସ୍ତୁ ମଧ୍ୟ ରହିଛି । ସେ କହିଛନ୍ତ୍ତି ବାଣିଜ୍ୟ କାରବାର ୩୦ ବିଲିୟନ ଡଲାରରୁ ଅଧିକ ରହିଥିବାବେଳେ ଏଥିରେ ସୁଧାର ଆଣିବାକୁ ଲକ୍ଷ୍ୟ ରଖାଯାଇଛି । କେବଳ ଭାରତରୁ ଇଣ୍ଡୋନେଆକୁ ନୁହେଁ ବରଂ ଇଣ୍ଡୋନେସିଆରୁ ଭାରତକୁ ମଧ୍ୟ ଅଧିକ ପୁଞ୍ଜିନିବେଶ ପାଇଁ ଆମେ ଆଶାବାଦୀ ଅଛୁ । ସାମୁଦ୍ରିକ ପଡୋଶୀ ହୋଇଥିବାରୁ ଆମେ ଯୋଗାଯୋଗ ଏବଂ କ୍ଷମତା ବୃଦ୍ଧି ଉପରେ ଧ୍ୟାନ କେନ୍ଦ୍ରିତ କରୁଛୁ । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଫଳରେ ପ୍ରତିରକ୍ଷା ଓ ସୁରକ୍ଷା, ପୁଞ୍ଜିନିବେଶ, ଅର୍ଥନୈତିକ ଏକିକରଣ, ଭିତ୍ତିଭୂମି ବିକାଶ, କେତେକ ବନ୍ଦରର ବିକାଶ, ବ୍ୟାପକ ଯୋଗାଯୋଗ, ଫାର୍ମାସିଟ୍ୟୁକାଲ୍‌ସ, ସ୍ୱାସ୍ଥ୍ୟସେବା, କ୍ଷମତାବୃଦ୍ଧି ଏବଂ ଶିକ୍ଷାଗତ ଆଦାନ

ପ୍ରଦାନ ଉପରେ ସକରାତ୍ମକ ପ୍ରଭାବ ପଡିବ । ସାମୁଦ୍ରିକ ସୁରକ୍ଷାଠାରୁ ଆରମ୍ଭ କରି ମହାକାଶ ସହଯୋଗ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପର୍ଯ୍ୟନ୍ତ ବିଭିନ୍ନ ଚୁକ୍ତିନାମା ଏବଂ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ ବୋଲି ଶ୍ରୀ ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି । ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରକୁ ମଜଭୁତ କରିବା ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ରାଷ୍ଟ୍ରଦୂତ କହିଛନ୍ତି ଭାରତ ଏବଂ ଇଣ୍ଡୋନେସିଆ ହେଉଛନ୍ତି ଏହି କ୍ଷେତ୍ରର ଦୁଇ ପ୍ରମୁଖ ଶକ୍ତି । ଉଭୟ ଦେଶ ମଧ୍ୟରେ ଅଧିକ ସହଯୋଗ ସାମୁଦ୍ରିକ ଯୋଗାଯୋଗ ମାର୍ଗ ଗୁଡ଼ିକୁ ମୁକ୍ତ ରଖିବା ସୁନିଶ୍ଚିତ କରିବା । ଏହି ପରିପ୍ରେକ୍ଷୀରେ ସେ କହିଛନ୍ତି ମଲ୍ଲାକ୍କା ପ୍ରଣାଳୀ ଦେଇ ବିଶ୍ୱ ବାଣିଜ୍ୟର ଏକ ବଡ଼ ଭାଗ ପରିବହନ ହୋଇଥାଏ । ଏବଂ ମଲ୍ଲାକ୍କା ପ୍ରଣାଳୀ ଯେପରି ମୁକ୍ତ ରହେ ଏବଂ ହର୍ମୁଜ୍ ପ୍ରଣାଳୀ ଭଳି ପରିସ୍ଥିତିର ସମ୍ମୁଖୀନ ନ ହୁଏ ତାହା ସୁନିଶ୍ଚିତ କରିବା ପାଇଁ ଇଣ୍ଡୋନେସିଆକୁ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦିଆଯିବ ।

---

# ଶିବରାଜ ଚୌହ୍ୱାନ-ଭିବିଜୀରାମ୍‌ଜୀ

ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ ଗ୍ୟାରେଣ୍ଟି (ଗ୍ରାମୀଣ) ଭିବିଜୀ ରାମ୍‌ଜୀ ଆକ୍ଟ ୨୦୨୫ ଚଳିତମାସ ୧ ତାରିଖରୁ ସଫଳତାର ସହ ଲାଗୁ ହୋଇଥିବାରୁ କେନ୍ଦ୍ରୀୟ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବିରାଜ ସିଂହ ଚୌହ୍ୱାନ’ ସନ୍ତୋଷବ୍ୟକ୍ତ କରିଛନ୍ତି । ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଶ୍ରୀ ଚୌହ୍ୱାନ ଆଜି ଏହି ଅଭିଯାନ ଅଧୀନରେ ରାଜ୍ୟଗୁଡ଼ିକୁ ପ୍ରଥମ କିସ୍ତୀରେ ୨୫ହଜାର କୋଟି ଟଙ୍କାର ସହାୟତା ମଞ୍ଜୁର କରିଛନ୍ତି ।

**V/O**

ଶ୍ରୀଚୌହ୍ୱାନ କହିଛନ୍ତି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା ‘ମନରେଗା’ରୁ ଭିଭିଜୀ ରାମ୍‌ଜୀ ଆକ୍ଟକୁ ସଫଳତାର

ସହ ପରିବର୍ତ୍ତନ କରାଯାଇଛି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ମନରେଗାର କାର୍ଯ୍ୟାନ୍ୱୟନ ପାଇଁ ୩ବର୍ଷରୁ ଅଧିକ ସମୟ ଲାଗିଥିବାବେଳେ ଭିବିଜୀ ରାମ୍‌ଜୀକୁ ସମଗ୍ର ଦେଶରେ ମାତ୍ର ଗୋଟିଏ ଦିନରେ କାର୍ଯ୍ୟକାରୀ କରାଯାଇଛି । ବିକଶିତ ଭାରତର ସଂକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ଏହି ଆକ୍ଟ ଅଧୀନରେ ଆସନ୍ତା ୫ ବର୍ଷ ମଧ୍ୟରେ ୨ ଦଶମିକ ୮/୬ ଲକ୍ଷ ପଞ୍ଚାୟତରେ ୭ ଦଶମିକ ୫ ଲକ୍ଷ କୋଟିରୁ ଅଧିକ ଟଙ୍କା ବିନିଯୋଗ କରାଯିବ ।

---

## ବ୍ରିକ୍ସ ଓମେନ ୱାର୍କିଂ ଗ୍ରୁପ୍

ଭାରତ ତା'ର ବ୍ରିକ୍ସ ଅଧ୍ୟକ୍ଷତା ଅଧୀନରେ ଆସନ୍ତାକାଲିଠାରୁ କେରଳର କୋଚିଠାରେ ଦୁଇଦିନିଆ ବ୍ରିକ୍ସ ମହିଳା କାର୍ଯ୍ୟକାରୀ ଗୋଷ୍ଠୀ ବୈଠକ ଆୟୋଜନ କରିବ । ମହିଳା ଓ ଶିଶୁବିକାଶ ମନ୍ତ୍ରଣାଳୟ କହିଛି ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ବରିଷ୍ଠ ସରକାରୀ ଅଧିକାରୀମାନେ ଏକାଠି ହୋଇ ସମସ୍ତ କ୍ଷେତ୍ରରେ ମହିଳା ସଶକ୍ତିକରଣ ଏବଂ ମହିଳା ନେତୃତ୍ୱାଧୀନ ବିକାଶ ସହ ଜଡିତ ପ୍ରମୁଖ ପ୍ରସଙ୍ଗ ଗୁଡ଼ିକ ଉପରେ ଆଲୋଚନା କରିବେ ଏବଂ ଏଥିସହ ସହଭାଗି ପ୍ରାଥମିକତା ଗୁଡ଼ିକରେ ସହଯୋଗକୁ ଆଗକୁ ବଢ଼ାଇବେ । ଏହି ମହିଳା କାର୍ଯ୍ୟକାରୀ ଗୋଷ୍ଠୀ ବୈଠକ ସଦସ୍ୟ ଦେଶଗୁଡ଼ିକୁ ମହିଳା ନେତୃତ୍ୱାଧୀନ ବିକାଶକୁ ଆଗକୁ ନେବାପାଇଁ ଆଲୋଚନା କରିବା ଏବଂ ସର୍ବସମ୍ମତି ପ୍ରସ୍ତୁତ କରିବାକୁ ଏକ ସୁଯୋଗ ପ୍ରଦାନ କରିବ । ଏହି ମହିଳା କାର୍ଯ୍ୟକାରୀ ଗୋଷ୍ଠୀ ବୈଠକରେ ୪ଟି ପ୍ରାଥମିକତା କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରାଯାଉଛି । ଯେଉଁଥିରେ ଶାସନ ଓ ନେତୃତ୍ୱରେ ମହିଳା, ମହିଳାମାନଙ୍କର ଡିଜିଟାଲ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକରଣ, ମହିଳା ଉଦ୍ୟୋଗିତା ଏବଂ ଦକ୍ଷତା ବିକାଶ, ଜଳବାୟୁ

କାର୍ଯ୍ୟାନୁଷ୍ଠାନ ଏବଂ ଖାଦ୍ୟ ସୁରକ୍ଷା ଓ ପୋଷଣରେ ମହିଳାଙ୍କ ଭୂମିକା ଅନ୍ତର୍ଭୁକ୍ତ ରହିଛି । ମନ୍ତ୍ରଣାଳୟ କହିଛି ଏହି ବୈଠକ ଚଳିତମାସ ୮ ଏବଂ ୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବ୍ରିକ୍ସ ମହିଳା ମନ୍ତ୍ରୀସ୍ତରୀୟ ବୈଠକ ପାଇଁ ଏକ ଦୃଢ଼ ଭିତ୍ତିଭୂମି ସ୍ଥାପନ କରିବ ।

---

# ଅମରନାଥ ଯାତ୍ରା

ଚଳିତବର୍ଷ ବାର୍ଷିକ ଶ୍ରୀ ଅମରନାଥ ଜୀ ଯାତ୍ରାର ପ୍ରଥମ ଦୁଇଦିନ ମଧ୍ୟରେ ୩୨ହଜାର ୩୧୩ଜଣ ଶ୍ରଦ୍ଧାଳୁ ପବିତ୍ର ଗୁମ୍ଫାରେ ପୂଜାର୍ଚ୍ଚନା କରିଛନ୍ତି । ଯାତ୍ରାର ଦ୍ୱିତୀୟ ଦିନରେ ୨୦ହଜାର ୧୪୫ଜଣ ଶ୍ରଦ୍ଧାଳୁ ଅମରନାଥଙ୍କ ଦର୍ଶନ କରିଛନ୍ତି ଯାହା ଗତବର୍ଷ ସମାନ ସମୟରେ ପୀଠ ପରିଦର୍ଶନ କରିଥିବା ୧୪ହଜାର ୫୧୫ଜଣ ଶ୍ରଦ୍ଧାଳୁଙ୍କ ତୁଳନାରେ ଉଲ୍ଲେଖନୀୟ ବୃଦ୍ଧି ରେକର୍ଡ ହୋଇଛି । ଦ୍ୱିତୀୟ ଦିନର ତୀର୍ଥଯାତ୍ରୀଙ୍କ ମଧ୍ୟରେ ୧ହଜାର ୬୧୧ଜଣ ପୁରୁଷ, ୪ହଜାର ୪୮୦ଜଣ ମହିଳା, ୩୭୯ଜଣ ଶିଶୁ, ୧୪୨ଜଣ ସାଧୁ, ୩୫ଜଣ ସ୍ୱାଧ୍ୱୀ, ୧୭ଜଣ ତୃତୀୟଲିଙ୍ଗୀ ଏବଂ ୪୮୧ଜଣ ସୁରକ୍ଷାକର୍ମୀ ସାମିଲ ଥିଲେ । ଅନ୍ୟପକ୍ଷରେ ବାର୍ଷିକ ଅମରନାଥ ଯାତ୍ରାରେ ଭାଗ ନେଉଥିବା ତୀର୍ଥଯାତ୍ରୀଙ୍କ ଚତୁର୍ଥ ବ୍ୟାଚ୍ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଆଜି ସକାଳେ ଜାମ୍ମୁର ଭଗବତୀନଗର ଯାତ୍ରୀ ନିବାସରୁ ପ୍ରସ୍ଥାନ କରିଛି । ଏହି ବ୍ୟାଚ୍‌ରେ ୨୯୧ଟି ଗାଡ଼ିରେ ୬ହଜାର ୭୩୧ଜଣ ତୀର୍ଥଯାତ୍ରୀ ଯାତ୍ରା କରୁଛନ୍ତି । ସେମାନଙ୍କ ମଧ୍ୟରୁ ୧୩୯ଟି ଗାଡ଼ିରେ ୪ହଜାର ୧୩୧ଜଣ ତୀର୍ଥଯାତ୍ରୀ ପାରମ୍ପରିକ ପହଲଗାମ ମାର୍ଗ ଆଡକୁ ଗତି କରୁଥିବାବେଳେ ୧୫୨ଟି ଗାଡ଼ିରେ ୨ହଜାର ୫୯୦ଜଣ ତୀର୍ଥଯାତ୍ରୀ ସ୍ୱଳ୍ପ ଦୂରତାର ବାଲ୍‌ତାଲ୍ ମାର୍ଗ ଦେଇ ଆଗକୁ ବଢୁଛନ୍ତି । ବ୍ୟାପକ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଏହି ତୀର୍ଥଯାତ୍ରା ପରିଚାଳିତ ହେଉଛି,

ଯେଉଁଥିରେ କର୍ତ୍ତୃପକ୍ଷ ତୀର୍ଥଯାତ୍ରୀଙ୍କ ସୁଗମ ଯାତାୟତ ସୁନିଶ୍ଚିତ କରିବା ସହ ଉଭୟ ମାର୍ଗରେ ସମସ୍ତ ଆବଶ୍ୟକୀୟ ସୁବିଧା ଯୋଗାଇ ଦେଉଛନ୍ତି ।

# ପିଏମ୍ – ତିଜନବାଇ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିଶିଷ୍ଟ ପାଣ୍ଡବାନୀ ଗାୟିକା ତିଜନ ବାଇଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ତିଜନବାଇ ନିଜର ଦମ୍‌ଦାର କଣ୍ଠସ୍ୱର, ଆକର୍ଷଣୀୟ ଉପସ୍ଥିତି ଏବଂ ଅନନ୍ୟ ପରିବେଷଣ ଶୈଳୀ ଦ୍ୱାରା ମହାଭାରତର କାହାଣୀ ଗୁଡ଼ିକୁ ମଞ୍ଚରେ ଉପସ୍ଥାପନ କରିଥିଲେ । ରାଷ୍ଟ୍ରପତି କହିଛନ୍ତି ତିଜନବାଇ ନିଜର ଅସାଧାରଣ ପ୍ରତିଭା, ନିଷ୍ଠା ଏବଂ ବର୍ଷ ବର୍ଷର କଠିନ ସାଧନା ମାଧ୍ୟମରେ ଛତିଶଗଡର ସମୃଦ୍ଧ ପାଣ୍ଡବାନୀ ପରମ୍ପରାକୁ ଦେଶ ବିଦେଶରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ତିଜନବାଇ ନିଜର ଚମତ୍କାର ପ୍ରଦର୍ଶନ ମାଧ୍ୟମରେ ଛତିଶଗଡର ଏହି ଲୋକକଳାକୁ ବିଶ୍ୱସ୍ତରରେ ସ୍ୱୀକୃତି ଦେଇଥିଲେ । ତାଙ୍କର ବିୟୋଗ କଳା ଏବଂ ସଂସ୍କୃତି ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ପାଶୱାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆଜି ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶୱାନଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ସମାଜର ବଞ୍ଚିତ ଏବଂ ଦୁର୍ବଳ ଶ୍ରେଣୀର ଉତ୍‌ଥାନ ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିବା ରାମବିଳାସ ପାଶୱାନ ସର୍ବଦା ସ୍ମରଣୀୟ ହୋଇ ରହିବେ । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ରାମବିଳାସ ପାଶୱାନଙ୍କ ସମଗ୍ର ଜୀବନ ଗରିବ କଲ୍ୟାଣ ପାଇଁ ସମର୍ପିତ ଥିଲା । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ରାମବିଳାସ ପାଶୱାନ ନିଜର ସମଗ୍ର ଜୀବନକୁ ସାମାଜିକ ନ୍ୟାୟ, ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ପଛୁଆବର୍ଗର ଅଧିକାର ପାଇଁ ସଂଗ୍ରାମରେ ସମର୍ପିତ କରିଥିଲେ ।

---

## ଭେନେଜୁଆଲା ଆର୍ଥକ୍ୱାକ

ଭେନେଜୁଆଲାର ଭୂକମ୍ପରେ ମୃତ୍ୟୁ ସଂଖ୍ୟା ୨ହଜାର ୯୫୪କୁ ବୃଦ୍ଧି ପାଇଛି ଏବଂ ୧୬ହଜାରରୁ ଅଧିକ ଲୋକ ଆହତ ହୋଇଛନ୍ତି । ଜାତୀୟ ଆସେମ୍ବ୍ଲି ଅଧ୍ୟକ୍ଷ ଜର୍ଜ ରୋଡ୍ରିଗ୍ୱେଜ ଏହି ସୂଚନା ଦେଇ କହିଛନ୍ତି ସେଠାରେ ପ୍ରାୟ ୧୬ହଜାର ଲୋକ ବାସହରା ହୋଇପଡିଛନ୍ତି । ଦେଶରେ ବିଗତ ଏକ ଶତାବ୍ଦୀରୁ ଅଧିକ ସମୟ ମଧ୍ୟରେ ଆସିଥିବା ଏହି ଶକ୍ତିଶାଳୀ ଭୂକମ୍ପ ପରେ ଉଦ୍ଧାର କାର୍ଯ୍ୟ ଏବେବି ଜାରି ରହିଛି । ଅନ୍ୟପକ୍ଷରେ ଭେନେଜୁଆଲାର ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଡେଲ୍‌ସୀ ରୋଡ୍ରିଗ୍ୱେଜ୍ ୭ଦିନିଆ ଶୋକ ଘୋଷଣା କରି କହିଛନ୍ତି ଏହି ବିନାଶକାରୀ ଭୂକମ୍ପ ଯୋଗୁଁ ହୋଇଥିବା ଜୀବନହାନୀରେ ସମଗ୍ର ଦେଶ ମର୍ମାହତ । ସୂଚନାଯୋଗ୍ୟ ଜୁନ୍ ୨୪ ତାରିଖରେ ଏହି ଦକ୍ଷିଣ ଆମେରିକୀୟ ଦେଶରେ ୭ ଦଶମିକ ୨ ଏବଂ ୭ ଦଶମିକ ୫ ତୀବ୍ରତାର ଦୁଇଟି ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଥିଲା । ଭୂକମ୍ପର ପ୍ରବଳ ଝଟ୍‌କା ଯୋଗୁଁ କାରାକାସ୍‌ରେ ଅନେକ

କୋଠାବାଡ଼ି ଭାଙ୍ଗି ପଡିଥିଲା ଯାହା ଭେନେଜୁଆଲାର ଏକ ବିସ୍ତୃତ ଅଞ୍ଚଳରେ ଅନୁଭୂତ ହୋଇଥିଲା ।

## ଡିଆର୍‌ସି ଇବୋଲା କେସେସ୍

‘ଡେମୋକ୍ରାଟିକ ରିପବ୍ଲିକ ଅଫ୍ କଙ୍ଗୋ-ଡିଆର୍‌ସି’ରେ ଇବୋଲା ସଂକ୍ରମଣ ଜାରି ରହିଥିବାବେଳେ ଏକହଜାର ୫୨୮ଜଣ ଇବୋଲାରେ ଆକ୍ରାନ୍ତ ହୋଇଥିବା ନିଶ୍ଚିତ ହୋଇଛି । ଏବଂ ଏଥିରେ ୪୯୨ଜଣଙ୍କର ମୃତ୍ୟୁ ହୋଇଛି । ଜନସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରକାଶିତ ସର୍ବଶେଷ ସ୍ଥିତି ରିପୋର୍ଟ ଅନୁଯାୟୀ ୨୩୯ଜଣ ରୋଗୀ ସୁସ୍ଥ ହୋଇଥିବାବେଳେ ୬୨୮ଜଣ ରୋଗୀ ଏକାନ୍ତବାସରେ ଅଛନ୍ତି କିମ୍ବା ଚିକିତ୍ସିତ ହେଉଛନ୍ତି । ଏଥିସହ ଅନ୍ୟ ୧୮୫ଜଣ ସନ୍ଦିଗ୍ଧ ଆକ୍ରାନ୍ତଙ୍କୁ ମଧ୍ୟ ଚିହ୍ନଟ କରାଯାଇଛି । ଅନ୍ୟପକ୍ଷରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବୁଣ୍ଡିବୁଗ୍ୟୋ ଭାଇରସ୍ ଦ୍ୱାରା ହେଉଥିବା ଇବୋଲାର ସମ୍ଭାବ୍ୟ ଚିକିତ୍ସାର ମୂଲ୍ୟାଙ୍କନ ପାଇଁ ଡିଆର୍‌ସିରେ ଏକ କ୍ଲିନିକାଲ ଟ୍ରାଏଲ ଆରମ୍ଭ କରିଛି । ଯେଉଁଥିପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ଅନୁମୋଦିତ ଟୀକା କିମ୍ବା ନିର୍ଦ୍ଦିଷ୍ଟ ଚିକିତ୍ସା ଉପଲବ୍ଧ ନାହିଁ ।

## ଓମେନ୍ କ୍ରିକେଟ୍

ଆଇସିସି ମହିଳା ଟି-୨୦ କ୍ରିକେଟ୍ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍‌ରେ ଆଜି ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆ ପରସ୍ପରକୁ ଭେଟିବେ । ଇଂଲଣ୍ଡରେ ଲର୍ଡସ୍ କ୍ରିକେଟ ପଡ଼ିଆରେ ଏହି ମ୍ୟାଚ୍ ଭାରତୀୟ ସମୟ ରାତି ୮ଟାରେ ଆରମ୍ଭ ହେବ ।